# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 January – 2026**

## ସଂସଦ ବଜେଟ୍ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ଆସନ୍ତା ମାସ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ । ଆସନ୍ତାକାଲି ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ଆସନ୍ତା ଏପ୍ରିଲ୍ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଫେବୃୟାରୀ ୧୩ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଅଧିବେଶନ କାଳରେ ୩୦ଟି ବୈଠକ ଅନୁଷ୍ଠିତ ହେବ ।

## ମୁଖ୍ୟମନ୍ତ୍ରୀ-ସୁନ୍ଦରଗଡ ଗସ୍ତ

ସୁନ୍ଦରଗଡ ଜିଲ୍ଲାରେ ଶିଳ୍ପାୟନ ସହିତ ରୋଜଗାର ବୃଦ୍ଧି, ଅଧିକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ଧ୍ୟାନ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଉରକେଲାଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ୨୩ଟି ନୂଆ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଶିଳ୍ପାନୁଷ୍ଠାନ ଗୁଡ଼ିକର ପ୍ରତିଷ୍ଠା ପାଇଁ ୩୫ହଜାର ୮୮୦କୋଟି ଟଙ୍କାର

ପୁଞ୍ଜିନିବେଶ କରାଯିବ ଏବଂ ପ୍ରାୟ ୧୨ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

## ରାଜ୍ୟପାଳ-ଗୋପାଳପୁର ମହୋତ୍ସବ

ଓଡ଼ିଶାର ଆତ୍ମବିଶ୍ୱାସ ଏବଂ ଉନ୍ନତ ଚିନ୍ତାଧାରା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଗୋପାଳପୁର ବେଳାଭୂମି ମହୋତ୍ସବକୁ ଗତକାଲି ସଂଧ୍ୟାରେ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି ଗୋପାଳପୁରର ଇତିହାସ ଏବଂ ପରମ୍ପରା, ପ୍ରଗତି ସହିତ ଯୋଡ଼ିହୋଇଛି । ରାଜ୍ୟପାଳ ତାଙ୍କର ଅଭିଭାଷଣରେ କହିଛନ୍ତି, ଭାରତ ସ୍ଥାୟୀ ଓ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଦିଗକୁ ଅଗ୍ରସର ହେଉଛି । ଗୋପାଳପୁର ଭଳି ଉପକୂଳବର୍ତ୍ତୀ ଅଞ୍ଚଳ ଏକ ସ୍ଥିର ଓ ସମୃଦ୍ଧ ଓଡ଼ିଶା ଗଠନ କରିବାରେ ସହାୟକ ହେବ । ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମି ମହୋତ୍ସବ ଚାଲିବ ।

### ବନକଲାଗି

ମାଘ ଶୁକ୍ଲ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଠାକୁରଙ୍କର ଏହି ନୀତି ଲାଗି ହେବ। ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଶ୍ରୀଜୀଉମାନଙ୍କର ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପ୍ରଦୂଷଣ ପ୍ରମାଣପତ୍ର

ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର- ପିୟୁସିସି ନଥିଲେ ମଧ୍ୟ ଗାଡି ଚାଳକମାନଙ୍କୁ ପେଟ୍ରୋଲ ମିଳିପାରିବ। ଏ ନେଇ ରାଜ୍ୟ ସରକାର ଉଚ୍ଚନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଛନ୍ତି। ପୂର୍ବରୁ ଥିବା ନିୟମରେ ପରିବର୍ତ୍ତନ କରିବା ସହ ବାହନ ପୋର୍ଟାଲରେ ସଂଶୋଧନ ଓ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ସରକାରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏକ ସପ୍ତାହ ମଧ୍ୟରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

## ସାଇକ୍ଲୋଥୋନ

କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ-ସିଆଇଏସ୍‌ଏଫ୍ ଦ୍ୱାରା ଆଜିଠାରୁ ଫେବୃୟାରୀ ମାସ ୨୧ ତାରିଖ ପର୍ଯ୍ୟନ୍ତ 'ବନ୍ଦେ ମାତରମ୍ ଉପକୂଳ ସାଇକ୍ଲୋଥୋନ୍-୨୦୨୬' ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ନିରାପତ୍ତା, ଉପକୂଳ ସୁରକ୍ଷା ଏବଂ ଦେଶଭକ୍ତିର ଭାବନାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଦେଶର ପୂର୍ବତଟରୁ ଆରମ୍ଭ ହୋଇ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ପୁଡୁଚେରୀ ଦେଇ ପଶ୍ଚିମତଟର ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ ଅତିକ୍ରମ କରିବା ପରେ କୋଚିଠାରେ ଆସନ୍ତାମାସ ୨୧ ତାରିଖ ଦିନ ସାଇକ୍ଲୋଥୋନ୍ ସମାପ୍ତ ହେବ ।

## ଆକାଶବାଣୀ ପ୍ରତିଷ୍ଠା ଦିବସ

ଆକାଶବାଣୀ କଟକ କେନ୍ଦ୍ର ଆଜି ତା'ର ୭୯ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୪୮ ମସିହା ଆଜିର ଦିନରେ କଟକଠାରେ

ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ବିଭିନ୍ନ ବର୍ଗର ଶ୍ରୋତାଙ୍କ ପାଇଁ ଭିନ୍ନ ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ପରିବେଷଣ କରି ଆକାଶବାଣୀ କଟକ ଶ୍ରୋତାଙ୍କ ପ୍ରିୟଭାଜନ ହୋଇପାରିଛି। ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମଗୁଡ଼ିକ ମୋବାଇଲ୍ ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି । ଯାହାକୁ ଦେଶ ବିଦେଶର ଶ୍ରୋତାମାନେ ସହଜରେ ଶୁଣିପାରୁଛନ୍ତି ।

## ଓଜେଇଇ

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-ଓଜେଇଇ ୨୦୨୬ ପାଇଁ ଆଜିଠାରୁ ଆବେଦନପ୍ରକ୍ରିୟା ଆରମ୍ଭ ହେଉଛି । ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି ହେଉଥିବା ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆସନ୍ତା ମାର୍ଚ୍ଚ ମାସ ୨୨ତାରିଖ ପର୍ଯ୍ୟନ୍ତ ଚାଲିବ । ଓଜେଇଇ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଆସନ୍ତା ମଇ ମାସ ୪ ତାରିଖରୁ ୯ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ହେବ ।

## ସର୍ବଭାରତୀୟ କଳା – ଉଦ୍‌ଘାଟିତ

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବଭାରତୀୟ କଳା ଏକୀକୃତ ଶିକ୍ଷା ପଦ୍ଧତି 'ସମୃଦ୍ଧି' ଉଦ୍‌ଘାଟିତ ହୋଇଯାଇଛି । ସି.ଆଇ.ଇ.ଟି, ଏନ୍.ସି.ଇ.ଆର୍.ଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଅମରେନ୍ଦ୍ର ପ୍ରସାଦ ବେହେରା ଏହାକୁ ଉଦ୍‌ଘାଟନ କରି ବିଦ୍ୟାଳୟ ଶିକ୍ଷାର ପ୍ରତ୍ୟେକ ବିଷୟକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ତିନିଦିନିଆ ଏହି ସର୍ବଭାରତୀୟ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳ ଏକଲବ୍ୟ ଓ ଜବାହର ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ

ବିଦ୍ୟାଳୟର ୯୮ଜଣ ଶିକ୍ଷକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ଆସନ୍ତାକାଲି ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ।

## ପାଣିପାଗ

କନ୍ଧମାଳ ଓ କୋରାପୁଟ ଜିଲ୍ଲାର କିଛି ଅଞ୍ଚଳକୁ ବାଦ୍‌ଦେଲେ ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ ଶୀତର ପରିମାଣ ହ୍ରାସ ପାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଘୁମୁସର ଉଦୟଗିରି ଓ ସେମିଳିଗୁଡ଼ାକୁ ଛାଡିଦେଲେ ଅନ୍ୟସ୍ଥାନ ଗୁଡ଼ିକରେ ତାପମାତ୍ରା ୧୦ଡିଗ୍ରୀରୁ ଊର୍ଦ୍ଧ୍ୱରେ ଥିଲା । ସୂଚନା ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧିପାଇବ ।